Candidate must not write on this margin.

# CSM—6/22

# GENERAL STUDIES

# ସାଧାରଣ ଜ୍ଞାନ

## PAPER—III

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The figures in the right-hand margin indicate marks.*

ଖାତାର ଡ଼ାହାଣ ପଟେ ପ୍ରତ୍ୟେକ ପ୍ରଶ୍ନର ମାର୍କ ଦର୍ଶାଯାଇଛି ।

*Candidates should attempt* ***all*** *questions of* **GROUP–A** *with word limit of 300 words and should attempt* ***any*** **10(*ten*)** *questions from* **GROUP–B** *with word limit of 250 words.*

ପରୀକ୍ଷାର୍ଥୀମାନେ **GROUP–A** ରୁ ମସସ୍ତ ପ୍ରଶ୍ନ ୩୦୦ ଶବ୍ଦ ମଧ୍ୟରେ ଉତ୍ତର ଦେବେ ଏବଂ **GROUP–B** ରୁ ଯେକୌଣସି **୧୦**ଟି ପ୍ରଶ୍ନ ୨୫୦ ଶବ୍ଦ ମଧ୍ୟରେ ଉତ୍ତର ସୀମିତ ରଖିବେ ।

## GROUP—A

**1.** Assess the environmental and human health impacts of plastic pollution. Examine the sources, distribution and persistence of plastic pollutants in terrestrial and aquatic ecosystems. Discuss potential strategies and technological innovations for mitigating plastic pollution and promoting sustainable waste management practices. 20

ପ୍ଲାଷ୍ଟିକ ପ୍ରଦୂଷଣର, ପରିବେଶ ଏବଂ ମାନବ ସ୍ୱାସ୍ଥ୍ୟ ଉପରେ ପ୍ରଭାବକୁ ଆକଳନ କର । ପୃଥିବୀ ଏବଂ ଇକୋସିଷ୍ଟମରେ ପ୍ଲାଷ୍ଟିକ ପ୍ରଦୂଷଣର ଉତ୍ସ, ବଣ୍ଟନ ଏବଂ ସ୍ଥିରତା ପରୀକ୍ଷା କର । ପ୍ଲାଷ୍ଟିକ ପ୍ରଦୂଷଣକୁ ହ୍ରାସ କରିବା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ସମ୍ଭାବ୍ୟ ରଣନୀତି ଏବଂ ବୈଷୟିକ ନୂତନତା ବିଷୟରେ ଆଲୋଚନା କର ।

**2.** Investigate the phenomenon of ozone depletion in the stratosphere. Discuss the role of ozone-depleting substances, their sources and the environmental and health impacts of a depleted ozone layer. Evaluate international efforts and agreements aimed at addressing this issue. 20

ବାୟୁମଣ୍ଡଳରେ ଓଜୋନ ହ୍ରାସର ଘଟଣାକୁ ଅନୁସନ୍ଧାନ କର । ଓଜୋନ ହ୍ରାସକାରୀ ପଦାର୍ଥର ଭୂମିକା, ସେଗୁଡ଼ିକର ଉତ୍ସ ଏବଂ ହ୍ରାସ ହୋଇଥିବା ଓଜୋନ ସ୍ତରର ପରିବେଶ ଏବଂ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ସଂପର୍କରେ ଆଲୋଚନା କର । ଏହି ସମସ୍ୟାର ସମାଧାନ ପାଇଁ ଆନ୍ତର୍ଜାତୀୟ ଉଦ୍ୟମ ଏବଂ ଚୁକ୍ତିନାମା ଗୁଡ଼ିକରେ ମୂଲ୍ୟାୟନ କର ।

Candidate must not write on this margin.

**3.** Define the 7 layers of cybersecurity. What are vulnerability, its types, threat and harmful acts? 20

ସାଇବର ନିରାପତ୍ତାର 7 ସ୍ତରକୁ ବର୍ଣ୍ଣନା କର । ସମ୍ବେଦନଶୀଳତା, ଏହାର ପ୍ରକାର ବିପଦ ଏବଂ କ୍ଷତିକାରକ କାର୍ଯ୍ୟଗୁଡ଼ିକ କ'ଣ?

**4.** What is financial inclusion? Why is it important in the context of the goal of inclusive development? Name some policies that have been put in place to achieve financial inclusion in India. 20

ଆର୍ଥିକ ଅନ୍ତର୍ଭୁକ୍ତି କ'ଣ? ଅନ୍ତର୍ନିବେଶୀ ବିକାଶର ଲକ୍ଷ୍ୟ ପ୍ରସଙ୍ଗରେ ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ? ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ହାସଲ କରିବାପାଇଁ କେତେକ ନୀତିର ନାମ ଉଲ୍ଲେଖ କର ।

**5.** India can realize its potential GDP only if the bottlenecks in the path can be overcome. Comment. 20

ବାଟରେ ଆସୁଥିବା ପ୍ରତିବନ୍ଧକକୁ ଦୂର କରିପାରିଲେ ଭାରତ ଏହାର ସମ୍ଭାବ୍ୟ ଜିଡ଼ିପି (GDP)କୁ ହାସଲ କରିପାରିବ । ମତାମତ ଦିଅ ।

## GROUP—B

**6.** Discuss the role of greenhouse gases in climate change. Explain the sources of major greenhouse gases, their atmospheric behavior and the mechanisms by which they contribute to global warming. Also, outline potential strategies to mitigate the impact of greenhouse gas emissions. 15

ଜଳବାୟୁ ପରିବର୍ତ୍ତନରେ ଗ୍ରୀନ୍‌ହାଉସ ଗ୍ୟାସର ଭୂମିକା ବିଷୟରେ ଆଲୋଚନ କର । ପ୍ରମୁଖ ଗ୍ରୀନହାଉସ ଗ୍ୟାସର ଉତ୍ସ, ସେଗୁଡ଼ିକର ବାୟୁମଣ୍ଡଳୀୟ ଆଚରଣ ଏବଂ ଗ୍ଲୋବାଲ ୱାର୍ମିଂ ସେଗୁଡ଼ିକର ଅବଦାନ ଥିବା ଯାନ୍ତ୍ରୀକ କୌଶଳଗୁଡ଼ିକର ବ୍ୟାଖ୍ୟା କର ।

**7.** Environmental Protection Act, 1986 has now turned into a toothless tiger. Comment. 15

ପରିବେଶ ସୁରକ୍ଷା ଅଧିନିୟମ 1986 ସମ୍ପ୍ରତି ଦନ୍ତ ବିହୀନ ବ୍ୟାଘ୍ରରେ ରୂପାନ୍ତରିତ ହୋଇଛି । ମନ୍ତବ୍ୟ ଦିଅ ।

**8.** Explain biodiversity with respect to its types at all biological levels. Discuss different patterns of biodiversity. 15

ସମସ୍ତ ଜୈବିକ ସ୍ତରରେ ଜୈବବିବିଧତା ଓ ଏହାର ପ୍ରକାର ବିଷୟରେ ଆଲୋଚନା କର । ଜୈବବିବିଧତାର ବିଭିନ୍ନ ଢାଞ୍ଚାକୁ ଆଲୋଚନା କର ।

**9.** What is flood? What are flood forecasting and warning system? Give the detail of warning about landslide hazard and Geological Survey of India (GSI). 15

ବନ୍ୟା କ'ଣ? ବନ୍ୟା ପୂର୍ବାନୁମାନ ଏବଂ ସତର୍କ ବ୍ୟବସ୍ଥା କ'ଣ? ଭୂସ୍ଖଳନ ବିପତ୍ତି ସଂପର୍କିତ ସତର୍କ ସୂଚନା ଓ ଭାରତର ଭୌଗୋଳିକ ସର୍ଭେ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କର।

**10.** Illustrate telemedicine. Describe its purpose and applications. 15

ଟେଲିମେଡିସିନ୍ ବର୍ଣ୍ଣନା କର । ଏହାର ଉଦ୍ଦେଶ୍ୟ ଏବଂ ପ୍ରୟୋଗ ବିଷୟରେ ବର୍ଣ୍ଣନା କର ।

**11.** What is data privacy and its elements? Explain different types of data breaches. Define data linkage and profiling. 15

ଡାଟା ଗୋପନୀୟତା ଏବଂ ଏହାର ଉପାଦାନଗୁଡ଼ିକ କ'ଣ? ବିଭିନ୍ନ ପ୍ରକାର ତଥ୍ୟଗତ ବିଶୃଙ୍ଖଳା (data breaches) କୁ ବ୍ୟାଖ୍ୟା କର । ଡାଟା ସଂଯୋଗ (data linkage) ଏବଂ ପ୍ରୋଫାଇଲ ବ୍ୟାଖ୍ୟା କର ।

**12.** Critically examine the role of Public Private Partnership (PPP) model for infrastructure development of the country. Cite a few success stories. 15

ଦେଶର ଭିତ୍ତିଭୂମି ବିକାଶପାଇଁ ସରକାରୀ ବେସରକାରୀ ଭାଗିଦାରୀ (PPP) ମଡେଲର ଭୂମିକାକୁ ଗଭୀରଭାବେ ପରୀକ୍ଷା କର । କିଛି ସଫଳ କାହାଣୀର ଉଦାହରଣ ଦିଅ ।

**13.** The structural change in Indian economy is a case of the 'missing middle'. Do you think that this kind of structural change can help the economy in becoming a developed one? 15

ଭାରତୀୟ ଅର୍ଥନୀତି ପ୍ରସଙ୍ଗରେ ଗଠନମୂଳକ ପରିବର୍ତ୍ତନ ହେଉଛି 'ମିସିଙ୍ଗ ମିଡିଲ' ର ଏକ ଘଟଣା । ଏହି ପ୍ରକାର ଗଠନ ମୂଳକ ପରିବର୍ତ୍ତନ ଅର୍ଥନୀତିକୁ ଏକ ବିକଶିତ ହେବାରେ ସାହାଯ୍ୟ କରି ପାରିବ ବୋଲି ତୁମେ ଭାବୁଛ କି?

**14.** Growth process in India has exacerbated rather than bridging the existing inequalities. Give your views with justifications. 15

ଭାରତରେ ଅଭିବୃଦ୍ଧି ପ୍ରକ୍ରିୟା ବିଦ୍ୟମାନଥିବା ଅସମାନତାକୁ ଦୂରକରିବା ପରିବର୍ତ୍ତେ ବୃଦ୍ଧି କରୁଛି । ଯଥାର୍ଥତା ସହିତ ମତାମତ ଦିଅ ।

**Candidate must not write on this margin.**

**15.** How does gender budgeting act as a strategy for achieving women empowerment? 15

ମହିଳା ସଶକ୍ତିକରଣ ହାସଲ ପାଇଁ ଲିଙ୍ଗଗତ ବଜେଟ୍ କିପରି ରଣନୀତିଭାବେ କାର୍ଯ୍ୟ କରେ?

**16.** Odisha is the pioneering State in starting the Odisha Millet Mission. Discuss the rationale, objectives and major achievements of the programme. 15

ଓଡ଼ିଶା ମିଲେଟ ମିଶନ ଆରମ୍ଭ କରିବାରେ ଓଡ଼ିଶା ଅଗ୍ରଣୀରାଜ୍ୟ ଅଟେ। କାର୍ଯ୍ୟକ୍ରମର ଯୁକ୍ତିଯୁକ୍ତତା, ଉଦ୍ଦେଶ୍ୟ ଏବଂ ପ୍ରମୁଖ ସଫଳତା ବିଷୟରେ ଆଲୋଚନା କର ।

**17.** Jawaharlal Nehru termed heavy industries and plants as 'Temples of Mother India'. Do you agree? 15

ଜବାହାରଲାଲ ନେହେରୁ ଭାରୀ ଶିଳ୍ପ ଓ ଉଦ୍ୟୋଗୁଡ଼ିକୁ 'ଭାରତମାତାର ମନ୍ଦିର' ରୂପେ ଅବିହିତ କରିଛନ୍ତି ଏଥିରେ ଆପଣ ଏକମତ କି?

★★★

Candidate must not write on this margin.